ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ରାଜ୍ୟରେ ସମ୍ଭବ ହେବ ଯକୃତ ପ୍ରତିରୋପଣ

## ସରକାରୀ ସ୍ତରରେ ଆରମ୍ଭ ହେଲା ଉଦ୍ୟମ

## ଚଳିତ ବର୍ଷ ପ୍ରତିରୋପଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ

ଭୁବନେଶ୍ୱର, ତା. ୧୨/୦୨/୨୦୨୦

ଦେଶରେ ପ୍ରତିବର୍ଷ ହାରାହାରି ୩୦୦୦ ଶିଶୁ ଗୁରୁତର ଭାବେ ଯକୃତ ସମ୍ବନ୍ଧିତ ରୋଗରେ ପୀଡ଼ିତ ହୋଇ ଯକୃତ ପ୍ରତିରୋପଣ ଆବଶ୍ୟକ କରୁଥିବାବେଳେ ଏହା ସମ୍ଭବ ହୋଇପାରୁନାହିଁ । ବିଳମ୍ବରେ ରୋଗ ଚିହ୍ନଟ ଓ ଅତ୍ୟଧିକ ଚିକିତ୍ସାଜନିତ ବ୍ୟୟ ଏ କ୍ଷେତ୍ରରେ ମୁଖ୍ୟ ପ୍ରତିବନ୍ଧକ ସାଜୁଛି । ଫଳରେ ପ୍ରତିବର୍ଷ ହାରାହାରି ୨୫୦୦ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି ।

ଆମ ରାଜ୍ୟରେ ପ୍ରତିବର୍ଷ ବହୁସଂଖ୍ୟକ ଶିଶୁ ଗୁରୁତର ଯକୃତଜନିତ ରୋଗର ସମ୍ମୁଖୀନ ହେଉଛନ୍ତି । ସମସ୍ତଙ୍କ କ୍ଷେତ୍ରରେ ଆବଶ୍ୟକ ଅଙ୍ଗଦାତା ନମିଳିବା ଓ ଭିତ୍ତିଭୂମିର ଅଭାବ ଏବଂ ବ୍ୟୟବହୁଳ ଚିକିତ୍ସା ଖର୍ଚ୍ଚ ତୁଲାଇବା ସମ୍ଭବ ହୋଇପାରୁନାହିଁ । ଏ କ୍ଷେତ୍ରରେ ସହଯୋଗ କରିବାକୁ ବାଙ୍ଗାଲୁରୁସ୍ଥିତ ଆସ୍ତର ଲିଭର କେୟାର ଗ୍ରୁପ୍ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି । ଏ ନେଇ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ନିକୁଞ୍ଜ ଧଳଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ବିଭାଗର ପ୍ରମୁଖ ସଚିବ ଯକୃତ ପ୍ରତିରୋପଣକୁ ଏକ ମିଶନ ଭାବେ ଗ୍ରହଣ କରିଛନ୍ତି ।

ଆସ୍ତର ଲିଭର କେୟାର ଗ୍ରୁପ୍‌ର ବରିଷ୍ଠ ପରାମର୍ଶଦାତା ଡା. ସୋନାଲ୍ ଆସ୍ଥାନା ଏ ସଂପର୍କରେ ପ୍ରସ୍ତାବ ରଖି କହିଛନ୍ତି ଯେ ପ୍ରତିଟି ଯକୃତ ପ୍ରତିରୋପଣ ପାଇଁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ  ରାଜ୍ୟ ସରକାର ରାଷ୍ଟ୍ରୀୟ ବାଲ ସୁରକ୍ଷା ଯୋଜନା/ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ସରକାର ରୋଗୀ ପିଛା ୭ ଲକ୍ଷ ୫୦ ହଜାର ଟଙ୍କା ସହଯୋଗ କଲେ ପ୍ରବୀନ୍ ଅଗ୍ରୱାଲ୍ ଫାଉଣ୍ଡେସନ୍ ଓ ବାଦାନ୍ୟ ବ୍ୟକ୍ତିମାନଙ୍କ ସହଯୋଗରେ ସେମାନେ ଆବଶ୍ୟକୀୟ ଚିକିତ୍ସା ଖର୍ଚ୍ଚ ଭରଣା କରିପାରିବେ ।

ଏଠାରେ ସୂଚନାଯୋଗ୍ୟ ଯେ ପ୍ରବୀନ୍ ଅଗ୍ରୱାଲ୍ ଫାଉଣ୍ଡେସନ୍ ଶିଶୁମାନଙ୍କ କ୍ଷେତ୍ରରେ ଯକୃତ ପ୍ରତିରୋପଣକୁ ଏକ ମିଶନ ଭାବେ ଗ୍ରହଣ କରିଛି । ଜନସଚେତନତା ସୃଷ୍ଟି, ପାଣ୍ଠି ଯୋଗାଡ଼, ସହଯୋଗକାରୀ ସଂସ୍ଥାଗୁଡ଼ିକ ସହ ସଂପର୍କ ସ୍ଥାପନ ଓ ସରକାରଙ୍କ ସହାୟତାରେ ଏହି ଅଭିନବ ମିଶନକୁ କିପରି ଆଗେଇ ନେବାକୁ ହେବ ସେ ସଂପର୍କରେ ଆଲୋଚନାରେ ମତପ୍ରକାଶ ପାଇଥିଲା ।

ଆସ୍ତର ସଂସ୍ଥା ଯକୃତ ପ୍ରତିରୋପଣ ସହ ରାଜ୍ୟର ଏସ୍‌ସିବି ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ଯକୃତ ପ୍ରତିରୋପଣ କ୍ଷେତ୍ରରେ ଡାକ୍ତରମାନଙ୍କୁ ଆବଶ୍ୟକୀୟ ଉଚ୍ଚତର ତାଲିମ ଓ ଅନ୍ୟାନ୍ୟ ସହାୟତା ପାଇଁ ଆଗ୍ରହୀ ଅଛି । ଏଣୁ ୨୦୨୦ ମସିହା ସୁଦ୍ଧା ଏସ୍‌ସିବିରେ ଯକୃତ ପ୍ରତିରୋପଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏ ଦିଗରେ ସମସ୍ତ ପ୍ରକାର ଭିତ୍ତିଭୂମିର ଉନ୍ନତି, ତାଲିମ ଓ ଆନୁଷଙ୍ଗିକ ଆବଶ୍ୟକତା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ଦାସ ଡିଏମ୍ଇଟି ପ୍ରଫେସର ଡାକ୍ତର ସି.ବି.କେ. ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରାଥମିକ ସ୍ତରରେ ବିଭିନ୍ନ ସ୍ଥାନରେ ରୋଗନିରୂପଣ କରି ରୋଗୀ ଚିହ୍ନଟ କରିବା ସହ ଆବଶ୍ୟକ ସ୍ଥଳେ ଯକୃତ ପ୍ରତିରୋପଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବ । ପ୍ରତିରୋପଣ ପରବର୍ତ୍ତୀ ସମୟରେ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ

ଚିକିତ୍ସା ପାଇଁ ମଧ୍ୟ ତାଲିମ ପ୍ରଦାନ କରାଯିବ । ଫଳରେ ରୋଗୀମାନେ ଉପକୃତ ହୋଇପାରିବେ ଓ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବ ଓ ସରକାରଙ୍କ ଆଭିମୁଖ୍ୟ ଓ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି ।

ଏହି ଅବସରରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଶ୍ରୀ ଅଶୋକ କୁମାର ନାୟକ, ଯୁଗ୍ମ ସଚିବ ଗୁହା ପୁନମ୍ ତାପସ୍ କୁମାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ବିଭୂତି ନାୟକ
ସୂଚନା ଅଧିକାରୀ